## ସଂକ୍ଷେପରେ

### କାଠ ଜବତ, ୩ ଗିରଫ



**ଖମାର,୨୭।୪(ଡି.ଏନ.ଏ.):** ଦେବଗଡ଼ ବନାଞ୍ଚଳ ଅଧୀନ ପାଲଲହଡ଼ା ବନଖଣ୍ଡ ଅନ୍ତର୍ଗତ ଶିଗଡ଼ ନିକଟରେ ବନ ବିଭାଗ ଏକ କାଠ ଗାଡ଼ି ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ପ୍ରକାଶ ଯେ, ମଙ୍ଗଳବାର ବିଳମ୍ବିତ ରାତିରେ ରେଞ୍ଜର ଦୁର୍ଯ୍ୟୋଧନ ଜେରାଇ, ଫରେଷ୍ଟର ଶଶିକାନ୍ତ ନାଏକ, ରାଜୁ ନାଏକ ଓ ଅନ୍ୟ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ବେଳେ ଏକ ପିକ୍‌ଅପ୍ ଭ୍ୟାନ (ନଂ. ଓଡ଼ି୧୯ଏନ୍-୦୫୯୦)କୁ ଜବତ ସହ ୩୨ ଖଣ୍ଡ ଚୋରା କାଠ ଜବତ କରିଥିଲେ। ଏଥିସହ ୩ ଅଭିଯୁକ୍ତ ସୁନୀଲ କୁମାର ପ୍ରଧାନ, ବୁରା ନାଏକ, ଅଶାଡୁ ମହାକୁଳଙ୍କୁ ଗିରଫ କରିଥିଲେ। ଏହି ଘଟଣାରେ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି ସେ ନେଇ ଅଧିକ ତଦନ୍ତ ଚାଲିଛି ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

### ବାଇକ୍ ଦୁର୍ଘଟଣାରେ ୨ ଗୁରୁତର

**ଛେଣ୍ଡିପଦା,୨୭।୪(ସ୍ୱ.ପ୍ର.):** ଛେଣ୍ଡିପଦା ଥାନା ଖମାର ଶିବ ମନ୍ଦିର ନିକଟରେ ଦୁଇ ମୋଟର ସାଇକେଲ ମଧ୍ୟରେ ମୁହାଁମୁହିଁ ଧକ୍କା ଯୋଗୁ ୨ ଚାଳକ ଗୁରୁତର ହୋଇଛନ୍ତି। ପ୍ରକାଶ ଯେ, ପାତ୍ରପଡା ଗ୍ରାମର ଲିପୁ ବେହେରା ଓ କର୍ମା ବେହେରା ରାତିରେ କୌଣସି କାମରେ ଛେଣ୍ଡିପଦାରୁ ପାତ୍ରପଡା ଫେରୁଥିଲେ। ଏହି ସମୟରେ ପିପଲବାହାଲ ଗ୍ରାମରୁ ଖମାର ଯାଉଥିବା ଦାଉଦ ନାଏକଙ୍କ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଚାଳକ ଲିପୁ ଓ ଦାଉଦ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକମାନେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି ଛେଣ୍ଡିପଦା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ଲିପୁଙ୍କୁ ଡାକ୍ତର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି।

### ମହିଳାଙ୍କୁ ନିର୍ଯାତନା ଅଭିଯୋଗ

**ବଇଣ୍ଡା,୨୭।୪(ଡି.ଏନ.ଏ.):** ଆଠମଲ୍ଲିକ ଥାନା କୁଲେଶ୍ୱର ଗ୍ରାମର ମହାଦେଇ ନାୟକଙ୍କୁ ତାଙ୍କ ସ୍ୱାମୀ ଜିତୁ ମୁଖୀ ଓ ଉମା ମୁଖୀ ନିର୍ଯାତନା ଦେଉଥିବା ମଙ୍ଗଳବାର ଆଠମଲ୍ଲିକ ଥାନାରେ ମହାଦେଇଙ୍କ ଭାଇ କିଶୋରନଗର ଥାନା ବରପଦର ଗ୍ରାମର ସିପୁନ ନାୟକ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୯୯/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, କିଛିବର୍ଷ ପୂର୍ବେ ଜିତୁ ମହାଦେଇଙ୍କୁ ବିବାହ କରିଥିଲେ। ହେଲେ କିଛି ମାସ ହେବ ଜିତୁ ତାଙ୍କୁ ନିର୍ଯାତନା ଦେବା ସହ ମାଡ଼ ମାରୁଥିଲେ। ଅସହ୍ୟ ଯନ୍ତ୍ରଣା ଅନୁଭବ କରିବା ପରେ ମହାଦେଇ ଘର ଛାଡି କେଉଁଆଡେ ପଳାଇଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ମଦ ଜବତ ଜଣେ ଗିରଫ

**ବଇଣ୍ଡା,୨୭।୪(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ପାପସରା ଗ୍ରାମରେ ପୋଲିସ ମଙ୍ଗଳବାର ରାତିରେ ଚଢାଉ କରି ପୁରୀ ପ୍ରଧାନଙ୍କ ଘରୁ ୨୦ ଲିଟର ଦେଶୀ ମହୁଲି ମଦ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରିଛି। ସେ କିଛିଦିନ ହେବ ବେଆଇନ ଭାବେ ଘରେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ହଣ୍ଡପା ଏଏସ୍‌ଆଇ ସୁନାକର ସ୍ୱାଇଁ ଚଢାଉ କରି ମଦ ଜବତ କରିବା ସହ ଗିରଫ କରିଥିଲେ।

# ଭିତ୍ତିଭୂମିକୁ ଗୁରୁତ୍ୱ ନାହିଁ

- ବାଗଡିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ଅଣଦେଖା
- ବିପର୍ଯ୍ୟସ୍ତ ଅବସ୍ଥାରେ ଚାଲିଛି ରୋଗୀସେବା
- ଆସୁଥିବା ରୋଗୀଙ୍କୁ ଅନ୍ୟତ୍ର ପଠାଯାଉଛି

**ଛେଣ୍ଡିପଦା,୨୭।୪(ସ୍ୱ.ପ୍ର.)**



ହସ୍ତାନ୍ତର ହୋଇ ନ ଥିବା ବାଗଡ଼ିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ।

ରୋଗୀ ସେବାକୁ ନେଇ ଦିନେ ଯେଉଁ ସ୍ୱାସ୍ଥ୍ୟକେନ୍ଦ୍ର ସୁନାମ ଅର୍ଜନ କରିଥିଲା, ଦୀର୍ଘବର୍ଷ ହେଲା ତାହାକୁ ଅଣଦେଖା କରାଯାଉଛି। ଏପରି କି ଦୁର୍ବଳ ଭିତ୍ତିଭୂମିରେ ପରିବର୍ତ୍ତନ କରିବା ପ୍ରତି ସ୍ୱାସ୍ଥ୍ୟ ପ୍ରଶାସନ ଗୁରୁତ୍ୱ ଦେଉନାହିଁ। ରୋଗୀଙ୍କୁ କିପରି ଉନ୍ନତ ଚିକିତ୍ସା ସେବା ମିଳିପାରିବ ସେଥିପ୍ରତି ଧ୍ୟାନ ଦିଆଯାଉ ନାହିଁ। ଫଳରେ ଡାକ୍ତର, କର୍ମଚାରୀ ଥାଇ ମଧ୍ୟ ଦୈନିକ ବହୁ ରୋଗୀଙ୍କୁ ଅନ୍ୟତ୍ର ରେଫର କରିବାକୁ ପଡୁଛି। ଏପରି ଅବ୍ୟବସ୍ଥା ମଧ୍ୟରେ ଚାଲିଥିବା ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର ବାଗଡ଼ିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ତେଜିବାରେ ଲାଗିଛି।

୧୯୮୦ ମସିହାରେ ସ୍ଥାପିତ ବାଗଡ଼ିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅତୀତରେ ଭଲ ଚିକିତ୍ସା ସେବା ଯୋଗାଇ ଦେଉଥିଲା। ନୂଆକରି ଡାକ୍ତରଖାନା ପ୍ରତିଷ୍ଠା ହୋଇଥିବାରୁ ଏଠାରେ ଡାକ୍ତର, କର୍ମଚାରୀଙ୍କ ଅଭାବ ନ ଥିଲା। ଡାକ୍ତରଖାନା ପରିଚାଳନା କମିଟି ସହାୟତାରେ ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ମିଳୁଥିଲା। ୧୦ ଶଯ୍ୟା ବିଶିଷ୍ଟ ଏହି ଡାକ୍ତରଖାନା ଉପରେ ୧୦ଟି ପଞ୍ଚାୟତର ୨୦୦ରୁ ୨୫୦ ରୋଗୀ ନିର୍ଭର କରୁଥିଲେ। ଦୈନିକ ଶତାଧିକ ରୋଗୀ ଏଠାକୁ ଆସି ଚିକିତ୍ସିତ ହେଉଥିଲେ। ହେଲେ ଗତ ୧୨ ବର୍ଷ ହେଲା ଏହି ପ୍ରାଥମିକ ଡାକ୍ତରଖାନା ଘୋର ଅବହେଳାର ଶିକାର ହୋଇଆସିଛି। ଡାକ୍ତର, କର୍ମଚାରୀ ନିଯୁକ୍ତି ପାଇଥିଲେ ବି ରୋଗୀ ଦେଖିବାକୁ ଆବଶ୍ୟକ ଭିତ୍ତିଭୂମି ପ୍ରତି ଅଣଦେଖା କରାଯାଇ ଆସୁଛି। ରୋଗୀ ଦେଖିବାକୁ ଗୃହ ନ ଥିବାରୁ ଗୋଟିଏ ସ୍ଥାନରେ ୩ ଡାକ୍ତର ଓ କର୍ମଚାରୀଙ୍କୁ ବସିବାକୁ ପଡୁଛି। ରୋଗୀମାନଙ୍କୁ ବାହାରେ ଖରାରେ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଠିଆ ହେବାକୁ ପଡୁଛି। ଗତ ୩ ବର୍ଷ ତଳେ ଜିଲା ଖଣିଜ ପାଣ୍ଠିରୁ ପ୍ରାୟ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏକ ନୂତନ ଗୃହ ନିର୍ମାଣ କରାଯାଇଥିଲା। ୬ ମାସ ହେବ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ତାହା ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଉ ନାହିଁ। ଫଳରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଦୈନିକ ଆସୁଥିବା ରୋଗୀ, ଗର୍ଭବତୀ ଓ ପ୍ରସୂତିମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭିତ୍ତିଭୂମି ନ ଥିବାରୁ ବହୁ ରୋଗୀଙ୍କ ଚିକିତ୍ସା ଏଠାରେ କରାଯାଇ ନ ପାରି ଅନ୍ୟତ୍ର ପଠାଇ ଦିଆଯାଉଛି। ଏଥିଯୋଗୁ ଗରିବ ରୋଗୀମାନେ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଜିଲା ସ୍ୱାସ୍ଥ୍ୟ ପ୍ରଶାସନ ଏହାର ସମାଧାନ ନ କଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଡାକ୍ତରଖାନା ପରିଚାଳନା କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି।

**ଟିକା ନେବାକୁ ୭ କି.ମି. ଯାଉଛନ୍ତୁ**



"କରୋନା ମହାମାରୀର ମୁକାବିଲା ପାଇଁ ସରକାର ସ୍ୱାସ୍ଥ୍ୟକେନ୍ଦ୍ର ଭିତ୍ତିଭୂମି ସୁଦୃଢ଼ କରୁଥିବା ବେଳେ ବାଗଡ଼ିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏଥିରୁ ବଞ୍ଚିତ ରହିଛି। ଏଥିପାଇଁ ଟିକା ନେବାକୁ ଲୋକଙ୍କୁ ୭ କି.ମି. ଦୂର ଅନ୍ୟ ଡାକ୍ତରଖାନାକୁ ଯିବାକୁ ପଡୁଛି। ଚିକିତ୍ସା ପାଇଁ ଆସୁଥିବା ରୋଗୀଙ୍କୁ ବାହାରେ ଅପେକ୍ଷା କରିବାକୁ ପଡୁଛି।

-କରୁଣାକର ବିଶ୍ୱାଳ, ଶିମିଳିପାଳ

**କିଛି ପଦକ୍ଷେପ ନିଆଯାଉନି**



"ସରକାର ସ୍ୱାସ୍ଥ୍ୟସେବାକୁ ଅଧିକ ଗୁରୁତ୍ୱ ଦେଉଥିବା କଥା କହୁଛନ୍ତି। ଉନ୍ନତ ଚିକିତ୍ସା ସେବା ପାଇଁ ନାନା ଯୋଜନା କରୁଛନ୍ତି। ହେଲେ ବାଗଡିଆ ସ୍ୱାସ୍ଥ୍ୟକେନ୍ଦ୍ର ଦୀର୍ଘ ବର୍ଷ ହେଲା ଅବହେଳିତ ଅବସ୍ଥାରେ ରହିଥିଲେ ମଧ ସରକାର କିଛି ବି ପଦକ୍ଷେପ ନେଉନାହାନ୍ତି। ବସିବାକୁ ଏଠାରେ ସ୍ଥାନ ନ ଥିବାରୁ ରୋଗୀ ଅଂଶୁଘାତର ଶିକାର ହେବେ।

-ମହେଶ୍ୱର ସାହୁ, ବାଗଡିଆ

**ରାଜନେତାଙ୍କ ତୁଣ୍ଡ ଖୋଲୁନି**



"ବାଗଡ଼ିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅତ୍ୟନ୍ତ ଅବ୍ୟବସ୍ଥା ମଧ୍ୟରେ ରହିଥିଲେ ମଧ ରାଜନୈତିକ ସ୍ତରରେ ଏହି ସମସ୍ୟା ଉତ୍‌ଥାପନ ହୋଇପାରୁ ନାହିଁ। ସ୍ଥାନୀୟ ଜନପ୍ରତିନିଧିମାନେ ଚୁପ୍ ରହିଛନ୍ତି। ୬ ମାସ ହେବ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣ ସରିଛି। ହେଲେ ଆଜି ପର୍ଯ୍ୟନ୍ତ କର୍ତ୍ତୃପକ୍ଷଙ୍କୁ ତାହା ହସ୍ତାନ୍ତର ହୋଇ ପାରୁନାହିଁ।

-କେଶବ ଦେହୁରୀ, ପରିଚାଳନା କମିଟି ସଭାପତି

**ସମସ୍ୟାର ସମାଧାନ କରାଯିବ**



"ବାଗଡିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ନିର୍ମାଣ କରାଯାଇଥିବା ନୂତନ ଗୃହର ଦାୟିତ୍ୱ ହସ୍ତାନ୍ତର ନିମନ୍ତେ ଜିଲାପାଳଙ୍କ ସହିତ ଆଲୋଚନା କରି ବ୍ୟବସ୍ଥା କରାଯିବ। ଏଥିସହ ସ୍ୱାସ୍ଥ୍ୟକେନ୍ଦ୍ର ଭିତ୍ତିଭୂମି ଅନୁଧ୍ୟାନ କରିବା ପରେ ରୋଗୀଙ୍କ ବିଶ୍ରାମ ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯିବ।

-ଡାକ୍ତର ତ୍ରିଲୋଚନ ପ୍ରଧାନ, ସିଡିଏମ୍‌ଓ, ଅନୁଗୋଳ

### ତୃଣମୂଳସ୍ତରରୁ ସଙ୍ଗଠନ ମଜଭୁତ୍ କର

**ବଇଣ୍ଡା,୨୭।୪(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ମାନଜୋର ପରିସରରେ ବୁଧବାର ବିଜେଡି ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ବୃନ୍ଦାବନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ତୃଣମୂଳସ୍ତରରୁ ଦଳକୁ କିଭଳି ମଜଭୁତ୍ କରିହେବ ସେ ନେଇ ସମସ୍ତ କର୍ମୀ ଏକଜୁଟ୍ ହେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ଦୁଃସାସନ ରାଉଳ, ଉପାଧ୍ୟକ୍ଷ ମମତା ମହାକୁଡ, ପାଇକସାହି ସରପଞ୍ଚ ନୀରଜକାନ୍ତ ସାହୁ, ଆମ୍ବସରମୁଣ୍ଡା ସରପଞ୍ଚ ସସ୍ମିତା ସେଠୀ, ସଚ୍ଚି ମହାନ୍ତି, ବିଜୟ ଷଡଙ୍ଗୀ, ଜୟନ୍ତ ସାହୁ, ରାମଚନ୍ଦ୍ର ମହାକୁଡଙ୍କ ସମେତ ବହୁ ବିଜେଡି କର୍ମୀ ସମ୍ମିଳନୀରେ ଯୋଗ ଦେଇଥିଲେ।

### ସ୍ତ୍ରୀଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା,୨୭।୪(ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପା ଥାନା ବଡ ଗୋବିନ୍ଦପୁର ଗ୍ରାମର ବାସୁମତୀ ନାୟକଙ୍କୁ ତାଙ୍କ ସ୍ୱାମୀ ଡାକ୍ତର ନାୟକ ଓ ସହଯୋଗୀ ନବୀନା ନାୟକ ମାଡ଼ ମାରିଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୧୦୩/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। କିଛିଦିନ ହେବ ବିନା କାରଣ ବାସୁମତୀଙ୍କୁ ଉଭୟ ମିଶି ମାଡ଼ ମାରୁଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

## ମୃତକଙ୍କ ପରିବାରକୁ ସହାୟତା

**ଅନୁଗୋଳ ଅଫିସ,୨୭।୪**

ଅନୁଗୋଳ ପୌର କାର୍ଯ୍ୟାଳୟରେ ଏକ ଠିକା ସଂସ୍ଥା ଅଧୀନରେ କାର୍ଯ୍ୟ କରୁଥିବା ସଫେଇ କର୍ମଚାରୀ କୁମୁରିସିଂହାର ଜିତେନ୍ଦ୍ର ଗୋଛାୟତଙ୍କ ଗତ ଗୁରୁବାର ହୃଦ୍‌ଘାତରେ ମୃତ୍ୟୁ ହୋଇଥିଲା। ତେବେ ବୁଧବାର ପୌର କର୍ତ୍ତୃପକ୍ଷ ମୃତ ଜିତେନ୍ଦ୍ରଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇବା ସହ ସହାୟତା ରାଶି ପ୍ରଦାନ କରିଛନ୍ତି। ଅନୁଗୋଳ ସହର ଉପକଣ୍ଠ କୁମୁରିସିଂହାକୁ ଯାଇ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ, ନିର୍ବାହୀ ଯନ୍ତ୍ରୀ ରବିନ ଦାସ ଓ ଅନ୍ୟ କର୍ମଚାରୀମାନେ ଉକ୍ତ ସହାୟତା ରାଶି ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଗତ ଗୁରୁବାର ପୌର କାର୍ଯ୍ୟାଳୟକୁ ଆସୁଥିବାବେଳେ ଜିତେନ୍ଦ୍ରଙ୍କ ଦେହ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲା। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ପ୍ରାଥମିକ ରିପୋର୍ଟ ପ୍ରଦାନ କରିଥିଲେ।


ମୃତକଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ କରାଯାଉଛି।

### ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ହତ୍ୟା ଧମକ

**ବଇଣ୍ଡା,୨୭।୪(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ପାଇକସାହି ଯୁକ୍ତ ୩ ମହାବିଦ୍ୟାଳୟର ଅଧ୍ୟକ୍ଷ ତୋଫାନ ମହାନନ୍ଦିଆଙ୍କୁ ସେହି କଲେଜର ପିଅନ ରୋହିତ ସାହୁ ମଙ୍ଗଳବାର ହତ୍ୟା ଧମକ ସହ ଗାଳିଗୁଲଜ କରିଥିବା ବୁଧବାର ଠାକୁରଗଡ଼ ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୧୧୧/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ମଙ୍ଗଳବାର ସନ୍ଧ୍ୟାରେ ରୋହିତ କଲେଜରେ ଥିବାବେଳେ ତୋଫାନଙ୍କୁ ଫୋନ ଯୋଗେ କଲେଜକୁ ଡାକିଥିଲେ। ପରେ ତାଙ୍କୁ ଗାଳିଗୁଲଜ କରିବା ସହ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି।

## ହିନ୍ଦୁଧର୍ମକୁ ଫେରିଲେ ୧୨ ପରିବାର

**ବନ୍ତଳା,୨୭।୪(ଡି.ଏନ.ଏ.)**

ରୋଗ ଭଲ ପାଇଁ ଧର୍ମ ପରିବର୍ତ୍ତନ କରିଥିବା ୧୨ ପରିବାର ବୁଧବାର ହିନ୍ଦୁଧର୍ମକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଅନୁଗୋଳ ଜିଲା ବନ୍ତଳା ଥାନା ପୋକତୁଙ୍ଗା ଗ୍ରାମରେ ଘଟିଥିବା ଏହି ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ପୋକତୁଙ୍ଗା ଗ୍ରାମର ୧୨ ପରିବାର କିଛି ମାସ ତଳେ ଧର୍ମ ପରିବର୍ତ୍ତନ କରିଥିଲେ। ଦୀର୍ଘଦିନ ଧରି ପରିବାରର କେତେଜଣଙ୍କ ଦେହ ଅସୁସ୍ଥ ରହୁଥିବାରୁ ଧର୍ମ ପରିବର୍ତ୍ତନ କଲେ ସୁସ୍ଥ ହୋଇପାରିବେ ବୋଲି ଶୁଣି ସେମାନେ ଅନ୍ୟ ଧର୍ମ ଆପଣେଇଥିଲେ। ହେଲେ ସ୍ୱାସ୍ଥ୍ୟରେ କିଛି ପରିବର୍ତ୍ତନ ନ ହେବାରୁ ସମ୍ପୃକ୍ତ ପରିବାର ସେମାନଙ୍କ ମୂଳ ଧର୍ମକୁ ଫେରିଆସିବାକୁ ଇଚ୍ଛା ପ୍ରକାଶ କରିଥିଲେ। ଏ ନେଇ ସେମାନେ ଗ୍ରାମ ସଭାପତି ଅଶୋକ ପ୍ରଧାନଙ୍କୁ ଜଣାଇବା ପରେ ରଣେଶ୍ୱର ମନ୍ଦିରରେ ଧର୍ମ ପ୍ରତ୍ୟାବର୍ତ୍ତନ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ବିଶ୍ୱ ହିନ୍ଦୁ ପରିଷଦର ସୁଧାଂଶୁ ମୋହନ ପଟ୍ଟନାୟକ, ଧର୍ମ ବିଭାଗ ପ୍ରାନ୍ତ ସଂଯୋଜକ ପଣ୍ଡିତ ସୁଧାର ନନ୍ଦ, କେନ୍ଦ୍ରୀୟ ମାର୍ଗଦର୍ଶକ ମଣ୍ଡଳ ସଦସ୍ୟ ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀ, ଖୋର୍ଦ୍ଧା ଜିଲା ମାର୍ଗଦର୍ଶକ ମଣ୍ଡଳ ସଦସ୍ୟ ବ୍ରହ୍ମଚାରୀ ବିପ୍ଲେସ ଚୈତନ୍ୟ, ଜିଲା ସଭାପତି ସୁବାସ ଚନ୍ଦ୍ର ଗଡ଼ନାଏକ, ସହ ସମ୍ପାଦକ ରଶ୍ମିରଞ୍ଜନ ମିଶ୍ର, ରାଜ୍ୟ ସମ୍ପାଦକ ପଣ୍ଡିତ ମହେଶ ସାହୁ, ମାତୃଶକ୍ତି ସଂଯୋଜିକା ପଦ୍ମାଖୀ ସିଂ, ବଜରଙ୍ଗ ଦଳ ଜିଲା ସଂଯୋଜକ ପ୍ରଭାତ କୁମାର ବାରିକ ପ୍ରମୁଖଙ୍କ ଉପସ୍ଥିତିରେ ଏହି ଧର୍ମ ପରିବର୍ତ୍ତନ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏ ସମ୍ପର୍କରେ ଗ୍ରାମ ସଭାପତି ପ୍ରଧାନ କହିଛନ୍ତି, ରୋଗ ଭଲ ନ ହେବାରୁ ୧୨ ପରିବାର ହିନ୍ଦୁଧର୍ମକୁ ଫେରିଆସିଛନ୍ତି।


ରଣେଶ୍ୱର ମନ୍ଦିର ପରିସରରେ ଯଜ୍ଞ କାର୍ଯ୍ୟ ବେଳେ ଉପସ୍ଥିତ କର୍ମକର୍ତ୍ତା ଓ ଅନ୍ୟମାନେ।

## ହତ୍ୟା ଡେମୋ ଦେଖାଇଲେ ଅଭିଯୁକ୍ତ

**ଛେଣ୍ଡିପଦା,୨୭।୪(ସ୍ୱ.ପ୍ର.)**

**କୂଅରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର ଘଟଣା**

ଅନୁଗୋଳ ଜିଲା ଛେଣ୍ଡିପଦା ଗ୍ରାମର ନିଖୋଜ ପ୍ରାଣବନ୍ଧୁ ସେଠୀଙ୍କ ମୃତଦେହ ମଙ୍ଗଳବାର ଏକ କୂଅରୁ ଜବତ କରାଯାଇଥିଲା। ପ୍ରାଣବନ୍ଧୁଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିବା ପରେ ପୋଲିସ ଏ ନେଇ ଗାଁର ୨ ଅଭିଯୁକ୍ତ ବିପିନ ଦେହୁରୀ ଓ ଅମର ପ୍ରଧାନଙ୍କ ସହ ଅମରଙ୍କ ବାପା କଷ୍ଟୁ ପ୍ରଧାନଙ୍କୁ ଅଟକ ରଖି ପଚରାଉଚରା କରୁଥିଲା। ବୁଧବାର ପୋଲିସ ଏହା ଏକ ହତ୍ୟାକାଣ୍ଡ ବୋଲି ଜାଣିପାରିଛି। ଏଥିସହ ଅଭିଯୁକ୍ତ ଅମରଙ୍କୁ ଗାଁ କୂଅ ନିକଟକୁ ନେବା ପରେ ପ୍ରାଣବନ୍ଧୁଙ୍କୁ କିପରି ହତ୍ୟା କରାଗଲା ତାହାର ସେ ଡେମୋ ଦେଖାଇବା ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶ ଯେ, ଗତ ରବିବାର ପ୍ରାଣବନ୍ଧୁ ସେହି ଗ୍ରାମର ଅମର ପ୍ରଧାନ ଓ ବିପିନ ଦେହୁରୀଙ୍କ ସହ ଗାଁମୁଣ୍ଡରେ ଥିବା ଏକ ବଗିଚା ନିକଟକୁ ଭୋଜି କରିବାକୁ ଯାଇଥିଲେ। ସେଠାରୁ ଘରକୁ ଫେରିବା ପରେ ପୁଣି ରାତି ୮ଟା ବେଳେ ଅମର ଓ ବିପିନଙ୍କ ସହ ଏକ ଦୋକାନ ସମ୍ମୁଖକୁ ଯାଇ ମୁଢ଼ି ଓ ମାଂସ ଖାଇଥିଲେ। ହେଲେ ବିଳମ୍ବିତ ରାତି ପର୍ଯ୍ୟନ୍ତ ପ୍ରାଣବନ୍ଧୁ ଘରକୁ ଫେରି ନ ଥିଲେ। ପରିବାର ଲୋକମାନେ ଖୋଜାଖୋଜି କରିବା ପରେ ସୋମବାର ଅପରାହ୍ନରେ ଥାନାରେ ନିଖୋଜ ସମ୍ପର୍କିତ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ଅଭିଯୁକ୍ତଙ୍କୁ ଥାନାକୁ ନେଇ ପଚରାଉଚରା କରୁଥିଲା। ସୋମବାର ବିଳମ୍ବିତ ରାତିରେ ମୃତଦେହ କୂଅରେ ଭାସୁଥିବା ପୋଲିସକୁ ଖବର ମିଳିଥିଲା। ତେବେ ବୁଧବାର ଅନୁଗୋଳ ଅତିରିକ୍ତ ଆରକ୍ଷୀ ଅଧିକାରୀ ପ୍ରସନ୍ନ କୁମାର ବିଶ୍ୱାଳ ଓ ଡିଏସ୍‌ପି ଏ.କେ. ପଣ୍ଡା ଛେଣ୍ଡିପଦା ଥାନାକୁ ଆସି ଘଟଣାର ତଦନ୍ତ କରିଥିଲେ। ଅପରାହ୍ନରେ ଛେଣ୍ଡିପଦା ପୋଲିସ ଅଭିଯୁକ୍ତ ଅମରଙ୍କୁ ଘଟଣାସ୍ଥଳକୁ ନେଇଥିଲା। ସେଠାରେ ଅମର ହତ୍ୟାକାଣ୍ଡର ଡେମୋ ଦେଖାଇବା ସହ ବ୍ୟବହୃତ ରଶି କଦଳୀଗଛ ମୂଳରୁ ବାହାର କରି ପୋଲିସକୁ ଦେଇଥିଲେ। ଗୁରୁବାର ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରାଯିବ ବୋଲି ଛେଣ୍ଡିପଦା ଥାନା ଅଧିକାରୀ ଧୀରେନ କୁମାର ବେହେରା ପ୍ରକାଶ କରିଛନ୍ତି।


ହତ୍ୟାରେ ବ୍ୟବହୃତ ରଶି ଅଭିଯୁକ୍ତ ପୋଲିସକୁ ଦେଉଛନ୍ତି।

### ମହିମା ପୀଠ ନିର୍ମାଣ ପାଇଁ ଦାବିପତ୍ର

**ବଇଣ୍ଡା,୨୭।୪(ଡି.ଏନ.ଏ.)**

କିଶୋରନଗର ବ୍ଲକ ଅଙ୍ଗପଡା ପଞ୍ଚାୟତରେ ଅଲେଖ ମହିମା ପୀଠ ନିର୍ମାଣ ପାଇଁ ମଙ୍ଗଳବାର ଅଲେଖ ମହିମା ସଙ୍ଗଠନ ପକ୍ଷରୁ ଏକ ଦାବିପତ୍ର ଅଙ୍ଗପଡା ସରପଞ୍ଚ ଜିତେନ୍ଦ୍ର କୁମାର ସାହୁଙ୍କୁ ପ୍ରଦାନ କରାଯାଇଛି। ସଙ୍ଗଠନ ସଦସ୍ୟ ଅବଧୂତ ନାୟକ, ପ୍ରଦୀପ ବେହେରା, କ୍ଷୀରୋଦ ସାହୁ ଏହି ଦାବିପତ୍ର ଦେଇଛନ୍ତି। ଦାବିପତ୍ରରେ ଦର୍ଶାଯାଇଛି, ଏହି ଅଞ୍ଚଳରେ ଅଲେଖ ମହିମାର ବହୁ ସଦସ୍ୟ ଅଛନ୍ତି। ହେଲେ ପୀଠ ନ ଥିବା ଯୋଗୁ ସେମାନେ ହଇରାଣ ହେଉଛନ୍ତି। ତେଣୁ ଅଙ୍ଗପଡା ପଞ୍ଚାୟତରେ ଗୋଟିଏ ନୂତନ ପୀଠ ନିର୍ମାଣ ପାଇଁ ପଞ୍ଚାୟତ ପକ୍ଷରୁ ପଦକ୍ଷେପ ନେବାକୁ ଦାବି କରାଯାଇଛି।


ସରପଞ୍ଚଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଲୁଣହାଣ୍ଡି ପଞ୍ଚାୟତ ଗୃହ ଉଦ୍‌ଘାଟିତ

**ବଇଣ୍ଡା,୨୭।୪(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଲୁଣହାଣ୍ଡି ପଞ୍ଚାୟତ ପରିସରରେ ନିର୍ମାଣ ହୋଇଥିବା ପଞ୍ଚାୟତ ଭବନ ବୁଧବାର ଉଦ୍‌ଘାଟିତ ହୋଇଛି। ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଭବନ ଦ୍ୱାରା ସାଧାରଣ ଲୋକେ ଉପକୃତ ହେବେ ବୋଲି ବିଧାୟକ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ଆଠମଲ୍ଲିକ ବିଡିଓ ସନ୍ତୋଷ କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ଦୁଃଶାସନ ରାଉଳ, ଲୁଣହାଣ୍ଡି ସରପଞ୍ଚ ଅରୂପାନନ୍ଦ ଚାନ୍ଦ, ଜିଲା ପରିଷଦ ସଦସ୍ୟା ରଶ୍ମିତା ରେଖା ମାହାରଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗଦେଇଥିଲେ।


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ଅନ୍ୟମାନେ।

## ୯୭୪ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ବନ୍ତଳା,୨୭।୪(ଡି.ଏନ.ଏ.)**

ଅନୁଗୋଳ ବ୍ଲକ ବଲଙ୍ଗ ପଞ୍ଚାୟତ ହାଇସ୍କୁଲ ପରିସରରେ ଆୟୁଷ୍ମାନ ଭାରତ ଯୋଜନାରେ ବନ୍ତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ବୁଧବାର ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଘନଶ୍ୟାମ ବେହେରାଙ୍କ ତତ୍ତ୍ୱାବଧାନରେ ଏହି ମେଳା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଯୋଗଦେଇ ଗ୍ରାମାଞ୍ଚଳର ଗରିବ ଓ ଅସହାୟ ଲୋକଙ୍କ ପାଇଁ ଏପରି ଶିବିର ଅତ୍ୟନ୍ତ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ, ରାଜ୍ୟ ଗୃହ ନିର୍ମାଣ ନିଗମ ଅଧ୍ୟକ୍ଷ ମୀନକେତନ ଅମାନ୍ତ, ଅନୁଗୋଳ ବିଧାୟକଙ୍କ ପ୍ରତିନିଧି ଅରୁଣାଭ ସିଂ, ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ଅଧିକାରୀ ଦିଲୀପ କୁମାର ସାହୁ, ବିଡିଓ ସନ୍ଧ୍ୟାରାଣୀ ମାଝି,ବ୍ଲକ ଅଧ୍ୟକ୍ଷା ରାଜଶ୍ରୀ ସାହୁ,ସମିତି ସଭ୍ୟା ସାଧନା ସାହୁ, ଜିଲା ପରିଷଦ ସଦସ୍ୟ ଧ୍ରୁବ ଚରଣ ଦେହୁରୀ, ରେବତୀ ନାୟକ ଓ ବଲଙ୍ଗ ପଞ୍ଚାୟତ ସରପଞ୍ଚ ରୀତା ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନୁଗୋଳ ମୁଖ୍ୟ ଚିକିତ୍ସାଳୟର ବିଶେଷଜ୍ଞ ଡା. ଦିଗାମ୍ବର ସାହୁ, ଡା. ଜ୍ଞାନ ରଞ୍ଜନ ବିଶ୍ୱାଳ, ଡା. ନୀଳମାଧବ ପ୍ରଧାନ, ଡା. ପ୍ରସନ୍ନ କୁମାର ମହାନ୍ତି, ଡା. ସୁଶାନ୍ତ ପଣ୍ଡା, ଡା. ସୁଶାନ୍ତ କୁମାର ଗଡ଼ନାୟକ ପ୍ରମୁଖ ୯୭୪ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ବିତରଣ କରିଥିଲେ। ମହିଳା ଶିଶୁ ବିକାଶ ତରଫରୁ ଏକ ଖାଦ୍ୟ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ମୋଟ ୧୭ଟି ଷ୍ଟଲ ମାଧ୍ୟମରେ ସ୍ୱାସ୍ଥ୍ୟସେବା ସହ ସ୍ୱାସ୍ଥ୍ୟ ସଚେତନତା, ପରୀକ୍ଷଣ, ପରାମର୍ଶ ସେବା ପ୍ରଦାନ କରାଯାଇଥିଲା। ଜବାହର ନବୋଦୟ ବିଦ୍ୟାଳୟ ତରଫରୁ ଯୋଗ ପ୍ରାଣାୟମ ଶିବିର ଆୟୋଜନ ହୋଇଥିଲା। ବିତ୍ତ ପରିଚାଳକ ଦେବାଶିଷ ମିଶ୍ର, ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳିକା ରୋଜାଲିନ ସାହୁଙ୍କ ସମେତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀମାନେ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ସଂକ୍ଷେପରେ

### ଜନସେବା କେନ୍ଦ୍ର ତରଫରୁ ଫସଲ ବୀମା କର୍ମଶାଳା

**କଣିହାଁ,୨୭।୪(ଡି.ଏନ.ଏ.):** ଅନୁଗୋଳ ଜିଲା କଣିହାଁ ବ୍ଲକର ବିଭିନ୍ନ ପଞ୍ଚାୟତରେ କେନ୍ଦ୍ର କୃଷି ବିଭାଗ ନିର୍ଦ୍ଦେଶକ୍ରମେ ଜନସେବା କେନ୍ଦ୍ରଗୁଡିକ ତରଫରୁ ଫସଲ ବୀମା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ବ୍ୟବସ୍ଥାକୁ ନେଇ କୃଷି ବିଭାଗ କର୍ମଚାରୀ, ସ୍ଥାନୀୟ ଲୋକ ପ୍ରତିନିଧି ଓ ପଞ୍ଚାୟତର କୃଷକ ସାମିଲ ହୋଇଥିଲେ। କେନ୍ଦ୍ର କୃଷି ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କ ଅଭିଭାଷଣ ଏବଂ କେନ୍ଦ୍ର ଓ ରାଜ୍ୟ କୃଷି ବିଭାଗ ଅଧିକାରୀଙ୍କ ପ୍ରାୟୋଜିତ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଲୋକମାନଙ୍କୁ ଦେଖାଇଥିଲେ। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଓ ଅନ୍ୟାନ୍ୟ ଯୋଜନା ବିଷୟରେ ବିଭାଗ ତରଫରୁ ଉପସ୍ଥାପନ କରାଯାଇଥିଲା। ବିରୁ ପଞ୍ଚାୟତରେ ଜନସେବା କେନ୍ଦ୍ର ପରିଚାଳକ ନିରୋଜ ପ୍ରଧାନଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ କୃଷି ବିଭାଗର ମାନସ ସାହୁ, ସରପଞ୍ଚ ଧରଣୀଧର ବେହେରା, ଗ୍ରାମ ସଭାପତି ଗଗନ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କୁଲେଇ ପଞ୍ଚାୟତରେ ଜନସେବା କେନ୍ଦ୍ର ପରିଚାଳକ ଶିଶିର ସାମଲଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ଜ୍ୟୋସ୍ନାରାଣୀ ଗଡ଼ନାୟକ, ଅନ୍ୟ ନିର୍ବାଚିତ ପ୍ରତିନିଧି, କୃଷି ବିଭାଗ କର୍ମଚାରୀ ମଧ ସାମିଲ ହୋଇଥିଲେ। ସେହିପରି ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା।

### କାର୍ ଦୁର୍ଘଟଣାଗ୍ରସ୍ତ, ଜଣେ ମୃତ

**କାମାକ୍ଷାନଗର,୨୭।୪(ଡି.ଏନ.ଏ.)-** କାମାକ୍ଷାନଗର ଥାନା ଭାଲୁମୁଣ୍ଡା ଗ୍ରାମ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ କେନ୍ଦୁଝର ଜିଲା ତେଲକୋଇ ଥାନା କରଦାଙ୍ଗି ଗ୍ରାମର ଭିକାରୀବର ପ୍ରଧାନ ପ୍ରାଣ ହରାଇଥିବାବେଳେ ସୁଚିସ୍ମିତା ଦାସ ଗୁରୁତର ହୋଇଛନ୍ତି। ପୋଲିସ କହିଛି, ଭିକାରୀବରଙ୍କ ଚିକିତ୍ସା ନିମନ୍ତେ ପରିବାର ଲୋକେ ତାଙ୍କୁ କାର ଯୋଗେ କଟକ ଆଣୁଥିବାବେଳେ ଭାଲୁମୁଣ୍ଡା ଗ୍ରାମ ନିକଟରେ କାର୍ ଭାରସାମ୍ୟ ହରାଇ ଦୁର୍ଘଟଣାଗସ୍ତ ହୋଇଥିଲା। କାରରେ ୫ ଜଣ ଥିବାବେଳେ ଭିକାରୀବର ଓ ସୁଚିସ୍ମିତା ଗୁରୁତର ହୋଇଥିଲେ। ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଭିକାରୀବରଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ମୃତଦେହ ଉଦ୍ଧାର, ହତ୍ୟା ମାମଲା ରୁଜୁ

**କଣିହାଁ,୨୭।୪(ଡି.ଏନ.ଏ.):** କଣିହାଁ ଥାନା ପୋଲିସ ବୁଧବାର ତାଳପଦା ଗ୍ରାମର ଅରୁଣ ନାଏକ(୪୫)ଙ୍କ ମୃତଦେହ ଘରୁ ଉଦ୍ଧାର କରିଛି। ପାରିବାରିକ ଝଗଡ଼ାକୁ ନେଇ ପରିବାରର ବାପା ଓ ୨ ପୁଅ ମିଶି ତାଙ୍କୁ ହତ୍ୟା କରିଥିବା ସ୍ତ୍ରୀ ଅନିତା ନାଏକ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ କେସ ନଂ. ନଂ. ୧୦୨/୨୨ରେ ମାମଲା ରୁଜୁ କରି ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ତଦନ୍ତ ଚଳାଇଛି। କଣିହାଁ ଥାନା ଅଧିକାରୀ କିଶୋର କୁମାର ସାମଲ କହିଛନ୍ତି, ସ୍ତ୍ରୀ ଅନିତା ପାଲଲହଡ଼ା ଅଞ୍ଚଳ ବାପ ଘରକୁ ଯାଇଥିବାବେଳେ ଅରୁଣ ୭ ଦିନ ହେବ ଘରେ ଏକା ରହୁଥିଲେ। ତାଙ୍କୁ ହତ୍ୟା କରିଥିବା ନେଇ ଅନିତା ଖବରପାଇ ପହଞ୍ଚିଥିଲେ। ଏ ନେଇ ଅନିତା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ମୃତଦେହ ତାଳଚେର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ସକାରାତ୍ମକ ମନୋଭାବ ନେଇ କାର୍ଯ୍ୟ କରାଯାଉ

**ଷଷ୍ଠ ଜିଲା ପରିଷଦର ତୃତୀୟ ସାଧାରଣ ବୈଠକ**

**ଢେଙ୍କାନାଳ ଅଫିସ,୨୭।୪**

ଢେଙ୍କାନାଳ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ବୁଧବାର ପୂର୍ବାହ୍ନରେ ଷଷ୍ଠ ଜିଲା ପରିଷଦର ତୃତୀୟ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉନ୍ନତି ଓ ସାମଗ୍ରିକ ବିକାଶ ନିମନ୍ତେ ଗ୍ରାମାଞ୍ଚଳବାସୀ ଲୋକପ୍ରତିନିଧିମାନଙ୍କୁ ନିର୍ବାଚିତ କରିଥିବାରୁ ସେମାନଙ୍କ ସମସ୍ୟାର ସମାଧାନ ଦିଗରେ ପ୍ରତିନିଧିମାନେ ସକରାତ୍ମକ ମନୋଭାବ ନେଇ କାର୍ଯ୍ୟ କରିବାକୁ ବୈଠକରେ ଅଧ୍ୟକ୍ଷତା କରି ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ ଗୁରୁତ୍ୱ ପ୍ରଦାନ କରିଥିଲେ। ବୈଠକରେ ଯୋଗଦେଇ ରାଜ୍ୟ ଇସ୍ପାତ, ଖଣି ଓ ପୂର୍ତ୍ତମନ୍ତ୍ରୀ ପ୍ରଫୁଲ କୁମାର ମଲ୍ଲିକ ଜନସାଧାରଣଙ୍କ ଆଶା, ଆକାଂକ୍ଷା ପୂରଣ କରିବା ଦିଗରେ ନିର୍ବାଚିତ ପ୍ରତିନିଧିମାନଙ୍କୁ ବିଭାଗୀୟ ଅଧିକାରୀମାନେ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। ପରଜଙ୍ଗ ବିଧାୟକ ଡା. ନୃସିଂହ ଚରଣ ସାହୁ, ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ପ୍ରମୁଖ ଜିଲାର ସାମଗ୍ରିକ ବିକାଶ ପାଇଁ ଦାୟିତ୍ୱବୋଧତାର ସହ ସେବା ମନୋବୃତ୍ତି ନେଇ କର୍ତ୍ତବ୍ୟ ସମ୍ପାଦନ କରିବା ସହିତ ଜିଲାରେ କରାଯାଉଥିବା ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ଲୋକାଭିମୁଖୀ କରିବା ପାଇଁ ଗୁରୁତ୍ୱ ପ୍ରଦାନ କରିଥିଲେ। ଉପାଧ୍ୟକ୍ଷ ବିଳାସିନୀ ସେଠୀ ବୈଠକରେ ଉପସ୍ଥିତ ଥିଲେ। ଜିଲାପାଳ ସରୋଜ କୁମାର ସେଠୀ, ଅଧିକାରୀମାନେ ଲୋକ ପ୍ରତିନିଧିମାନଙ୍କ ସହ ସମନ୍ୱୟ ରକ୍ଷା କରି ସେମାନଙ୍କ ଦ୍ୱାରା ପ୍ରସ୍ତାବିତ ପ୍ରକଳ୍ପ ଗୁଡିକର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେବା ପାଇଁ କହିଥିଲେ। ଜିଲାର ସମସ୍ତ ୨୧୨ଟି ପଞ୍ଚାୟତରେ ମଡେଲ ରୁରାଲ ପାର୍କ, ରାସ୍ତା ଓ ପୋଖରୀ କରାଯିବ। ପଞ୍ଚାୟତର ଆୟବୃଦ୍ଧି ଓ ଆବଶ୍ୟକତା ପୂରଣ ନିମନ୍ତେ ବିଭିନ୍ନ ପ୍ରକଳ୍ପ ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେଇଥିଲେ। ଅମୃତ ଯୋଜାରେ ଜିଲାରେ ୭୫ଟି ପୋଖରୀ ଖୋଳାଯିବ ବୋଲି ସୂଚନା ଦିଆଯାଇଥିଲା। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରଶାସନିକ ବ୍ୟୟ ଅଟକଳ ୨,୧୫,୪୯,୮୦୦ ଟଙ୍କା ବୈଠକରେ ଅନୁମୋଦିତ ହୋଇଥିଲା। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଜିଲାରେ ୨ଲକ୍ଷ ୫୧ହଜାର ୩୮୦ ପରିବାରର ୬ଲକ୍ଷ ୧୨ହଜାର ୧୭୮ଜଣ ଶ୍ରମିକ ନାମ ପଞ୍ଜୀକରଣ କରିଛନ୍ତି। ୨୦୨୧-୨୨ ଆର୍ଥିକ ବର୍ଷରେ ୨୧୨୭୨.୦୯ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ୬ଲକ୍ଷ ୭୧ହଜାର ୯୪୮ ଶ୍ରମ ଦିବସ ସୃଷ୍ଟି କରାଯାଇଛି। ଚଳିତ ଆର୍ଥିକ ବର୍ଷରେ ୨୯୭୦୭.୪୭ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଜିଲାରେ ୭୫୭୪୫୭୧ ଶ୍ରମ ଦିବସ ସୃଷ୍ଟି କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଜିଲାର କଳା ସଂସ୍କୃତି, ଡୋକ୍ରା କାରୁକାର୍ଯ୍ୟ, କୁଟୀର ଶିଳ୍ପ, ହସ୍ତଶିଳ୍ପ ଓ ପରମ୍ପରା ପ୍ରଚାର ପ୍ରସାର କରି ଏହାର ବିକାଶ ଉଦ୍ଦେଶ୍ୟରେ ମେ ମାସ ଶେଷ ସପ୍ତାହ କିମ୍ବା ଜୁନ ମାସର ପ୍ରଥମ ସପ୍ତାହରେ ସପ୍ତଶଯ୍ୟା ଲୋକକଳା ମହୋତ୍ସବ ସଦେଇବେରେଣୀ କଳାକୃତି ଗ୍ରାମଠାରେ ଆୟୋଜନ କରିବାକୁ ବୈଠକରେ ଆଲୋଚନା ହୋଇଥିଲା। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସାଫଲ୍ୟ ମଣ୍ଡିତ ପ୍ରଧାନ ସ୍ୱାଗତ ଭାଷଣ ଓ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ(ପ୍ରଶାସନ) ସରୋଜ କୁମାର ଦତ୍ତ ଧନ୍ୟବାଦ ପ୍ରଦାନ କରିଥିଲେ ।



ଜିଲା ପରିଷଦର ତୃତୀୟ ସାଧାରଣ ବୈଠକରେ ଉପସ୍ଥିତ ଲୋକ ପ୍ରତିନିଧି ଓ ଅଧିକାରୀମାନେ।

# ଅସହାୟ ଶିଶୁଙ୍କୁ ଭେଟିଲେ ଶିଶୁ ସୁରକ୍ଷା ଅଧିକାରୀ

**ଅନୁଗୋଳ ଅଫିସ,୨୭।୪**

ଅନୁଗୋଳ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା କଣିହାଁ ବ୍ଲକ ବୁରୁକୁନା ପଞ୍ଚାୟତର ଖୁଲୋଖୁଣ୍ଟିଆ ଏବଂ ପାଲଲହଡ଼ା ବ୍ଲକର ବଡିସୁଆଁ ଓ ବାରକୋଟିଆ ଗ୍ରାମ ପରିଦର୍ଶନ କରି ୪ ପରିବାର ଶିଶୁମାନଙ୍କୁ ଭେଟି ସେମାନଙ୍କ ଥଇଥାନ ଓ ପାଠପଢ଼ା ନେଇ ଆଲୋଚନା କରିଛନ୍ତି। ଶିଶୁ ସୁରକ୍ଷା ଅଧିକାରୀ ପ୍ରଥମେ ଖୁଲୋଖୁଣ୍ଟିଆ ଗ୍ରାମର ଏକ ଅସହାୟ ପରିବାରର ନିକଟରେ ପହଞ୍ଚିଥିଲେ। ଉକ୍ତ ପରିବାରରେ ଥିବା ୩ ଛୁଆଙ୍କୁ ଛାଡ଼ି ୩ ବର୍ଷ ତଳୁ ମା' ମରିଯାଇଥିବାବେଳେ ବାପା ଭିନ୍ନକ୍ଷମ। ଜଣେ ଶିଶୁ ମଧ ଭିନ୍ନକ୍ଷମ। ତେଣୁ ସେମାନଙ୍କ ଆଧାର କାର୍ଡ କରାଇ ରାଶନକାର୍ଡରେ ଅନ୍ତର୍ଭୁକ୍ତ କରିବା ପାଇଁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ପଦକ୍ଷେପ ନେଇଥିଲେ। ଜାତିଗତ ପ୍ରମାଣପତ୍ର ପାଇଲା ପରେ ତୁରନ୍ତ ସରକାରୀ ଆବାସିକ ବିଦ୍ୟାଳୟରେ ପଢାଇବାର ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ଶିଶୁଙ୍କ ବାପା ଏବଂ ଜଣେ ଶିଶୁ ଭିନ୍ନକ୍ଷମ ଥିବାରୁ ଭିନ୍ନକ୍ଷମ ଭତ୍ତା ମଞ୍ଜୁର କରାଇବାର ପଦକ୍ଷେପ ନେଇଥିଲେ। ପରେ ପାଲଲହଡ଼ା ବ୍ଲକର ବଡିସୁଆଁ ଗ୍ରାମ ଗସ୍ତ କରି ୧୦ ବର୍ଷ ପୂର୍ବରୁ ବାପାଙ୍କୁ ହରାଇଥିବା ଜଣେ ନାବାଳିକାଙ୍କୁ ଭେଟିଥିଲେ। ମା'ଙ୍କ ନାମରେ ଶ୍ରମକାର୍ଡ ଥିଲେ ମଧ ଦଶମ ଶ୍ରେଣୀରେ ପଢୁଥିବା ନାବାଳିକା ଶ୍ରମ ବିଭାଗରୁ ଶିକ୍ଷା ପାଇଁ ପ୍ରୋତ୍ସାହନ ରାଶି ପାଇ ନ ଥିବା ସୂଚନା ମିଳିଛି। ଉକ୍ତ ପ୍ରୋତ୍ସାହନ ରାଶି କିପରି ମିଳିବ ସେ ନେଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ବ୍ୟବସ୍ଥା କରିଥିଲେ। ସେହିପରି ବାରକୋଟିଆ ଗ୍ରାମ ନିକଟରେ ୧୦ ଦିନ ପୂର୍ବେ ଜଣେ ମା' ଏକ ଶିଶୁକୁ ଜନ୍ମ ଦେଇ ମୃତ୍ୟୁବରଣ କରିଥିବାବେଳେ ଶିଶୁଟିର ଲାଳନପାଳନ ବ୍ୟବସ୍ଥା ତାଙ୍କ ଜେଜେ ମା ନେଇଛନ୍ତି। ତେଣୁ ଶିଶୁଟିର ଲାଳନ ପାଳନ ପାଇଁ ପ୍ରଶାସନ ତରଫରୁ ଆର୍ଥିକ ସହାୟତା ମଞ୍ଜୁର କରାଯିବ। ଉକ୍ତ ଗ୍ରାମର ଆଉ ଏକ ପରିବାରର ୩ ଜଣ ଶିଶୁକନ୍ୟାଙ୍କୁ ସରକାରୀ ଆବାସିକ ବିଦ୍ୟାଳୟରେ ପାଠପଢାଇବା ପାଇଁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ପଦକ୍ଷେପ ନେଇଥିଲେ।



ଜିଲା ଶିଶୁ ସୁରକ୍ଷା ଅଧିକାରୀ ଜଣେ ଶିଶୁଙ୍କୁ ଭେଟୁଛନ୍ତି।

# ଅଗ୍ନିବିପନ୍ନଙ୍କୁ ସହାୟତା

**ବଇଣ୍ଡା,୨୭।୪(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ କନ୍ତପଡା ଗ୍ରାମରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ୬ ପରିବାରର ୧୧ ବଖରା ଜଳିଯାଇଥିବାବେଳେ ବିପନ୍ନଙ୍କୁ ରାତିରେ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇ ଦିଆଯାଇଛି। ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଆଠମଲ୍ଲିକ ବିଡିଓ ସନ୍ତୋଷ କୁମାର ସାହୁ, ଅତିରିକ୍ତ ତହସିଲଦାର ଅଶୋକ ଦେହୁରି, ଜିଲା ପରିଷଦ ଯୁଧିଷ୍ଠିର ସିଂହ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବିପନ୍ନଙ୍କୁ ଜରିପାଲ, ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ତୁରନ୍ତ ୬ ପରିବାରକୁ ସରକାରଙ୍କ ପକ୍ଷରୁ ପକ୍କା ଘର ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି।



ପ୍ରଶାସନ ପକ୍ଷରୁ ଅଗ୍ନିବିପନ୍ନଙ୍କୁ ସହାୟତା ଯୋଗାଇ ଦିଆଯାଉଛି।

# କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଜମି ଚିହ୍ନଟ

- ଆଠମଲ୍ଲିକ ଗସ୍ତରେ ୪ ଜଣିଆ କେନ୍ଦ୍ରୀୟ ପ୍ରତିନିଧି ଦଳ
- ଅଞ୍ଚଳବାସୀ, ପ୍ରଶାସନିକ ଅଧିକାରୀଙ୍କୁ ନେଇ ବୈଠକ

**ବଇଣ୍ଡା/ ମାଧପୁର,୨୭।୪(ଡି.ଏନ.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକଠାରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ହେବ। ଏ ନେଇ ୪ ଜଣିଆ କେନ୍ଦ୍ରୀୟ ପ୍ରତିନିଧି ଦଳ ବୁଧବାର ଆଠମଲ୍ଲିକ ଗସ୍ତରେ ଆସି ଟାଙ୍ଗିଆନିଶା ଅଞ୍ଚଳରେ ଏକ ଜମି ଚିହ୍ନଟ କରିଛନ୍ତି। ପ୍ରତିନିଧି ଦଳ ଆଠମଲ୍ଲିକ ମହାବିଦ୍ୟାଳୟଠାରେ ଅସ୍ଥାୟୀ ଶ୍ରେଣୀ ଗୃହ ଯାଞ୍ଚ କରିବା ପରେ ପାନୀୟ ଜଳ, ଶୌଚାଳୟ ବ୍ୟବସ୍ଥା ଆଦି ବୁଲି ଦେଖିଥିଲେ। ପରେ ଆଠମଲ୍ଲିକ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ସେଠାରେ ଅଞ୍ଚଳବାସୀ, ପ୍ରଶାସନିକ ଅଧିକାରୀମାନଙ୍କୁ ନେଇ ଏକ ବୈଠକ କରିଥିଲେ। କେନ୍ଦ୍ରୀୟ ବିଦ୍ୟାଳୟର ସହକାରୀ କମିଶନର ଏ. ଜ୍ୟୋତିକୁମାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅନୁଗୋଳ କେନ୍ଦ୍ରୀୟ ବିଦ୍ୟାଳୟ (କ)ର ଅଧ୍ୟକ୍ଷ ଦୀପେଶ କୁମାର ବାରିକ, କଟକ କେନ୍ଦ୍ରୀୟ ବିଦ୍ୟାଳୟ(ଗ)ର ଅଧ୍ୟକ୍ଷ ଅନନ୍ତ କୁମାର ସିଠ, କେନ୍ଦ୍ରୀୟ ଲୋକ ନିର୍ମାଣ ବିଭାଗ କନିଷ୍ଠଯନ୍ତ୍ରୀ ରଞ୍ଜନ କୁମାର ବେହେରା, ସହକାରୀ ଜିଲାପାଳ କୁଳମଣି ଦଳେଇ, ରାଜସ୍ୱ ପରିଦର୍ଶକ ଦଣ୍ଡଧର ସିଂ, ରାଜସ୍ୱ ନିରୀକ୍ଷକ ସୋନାଲିକା ସାହୁ, ଆଠମଲ୍ଲିକ ମହାବିଦ୍ୟାଳୟର ଅଧ୍ୟକ୍ଷ ଆଦିତ୍ୟ ସାହୁ, ଏନ୍ଏସି ଅଧ୍ୟକ୍ଷା ଆଶା କୁମାରୀ ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍ଏସି ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ପରେଶ ଦେଓ, ଆଠମଲ୍ଲିକ ବିକାଶ ମଞ୍ଚର ଆବାହକ ଇଂ. ଆଭାସ କୁମାର କ୍ଷେତୀ, ଭାଜପା ନେତା ଶ୍ରୀମନ୍ତ ପାଣିଗ୍ରାହୀ ଉପସ୍ଥିତ ଥିଲେ। ପୂର୍ବରୁ ଆଠମଲ୍ଲିକ ବିକାଶ ମଞ୍ଚ ପକ୍ଷରୁ ବାମୁରଠାରେ ଅକ୍ଟୋବର ୨ ତାରିଖରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।



କେନ୍ଦ୍ରୀୟ ପ୍ରତିନିଧି ଦଳ ଜମି ଚିହ୍ନଟ କରୁଛନ୍ତି।

# ବରିଷ୍ଠ ନାଗରିକ ମଞ୍ଚର ନୂତନ କର୍ମକର୍ତ୍ତା



ବରିଷ୍ଠ ନାଗରିକ ମଞ୍ଚର ନବନିର୍ବାଚିତ କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ, ୨୭।୪**

ଢେଙ୍କାନାଳ ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ସଭା ଏବଂ କର୍ମକର୍ତ୍ତା ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ପ୍ରହ୍ଲାଦ ତ୍ରିପାଠୀ, ଉପ ସଭାପତି ବସନ୍ତ ପଟ୍ଟନାୟକ, ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ, ଡ. ନିଳନ୍ କୁମାରୀ ମିଶ୍ର, ସାଧାରଣ ସମ୍ପାଦକ କୃଷ୍ଣମୋହନ ସାହୁ, ଯୁଗ୍ମସମ୍ପାଦକ ମନୋରଞ୍ଜନ ନନ୍ଦ, ଭ୍ରମରବର ଦଳାଇ, ବୈକୁଣ୍ଠନାଥ ବେହେରା, କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ଶତପଥୀ, କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ତରୁଣ ବିଶ୍ୱାଳ, କାଳିନ୍ଦୀ ଚରଣ ସାହୁ, କୈଳାସ ପଟ୍ଟନାୟକ, ଉପେନ୍ଦ୍ର ରାଉତ, ପ୍ରତାପ ଚନ୍ଦ୍ର ପତି ନିର୍ବାଚିତ ହୋଇଛନ୍ତି। ଡ. ବିଧୁଭୂଷଣ ନନ୍ଦ, ଯଜ୍ଞେଶ୍ୱର ପୃଷ୍ଟି, ପ୍ରମୋଦ ମିଶ୍ର, ଡ. ପୀତବାସ ଷଡ଼ଙ୍ଗୀ, ଇନ୍ଦ୍ରମଣି ନାୟକ ପ୍ରମୁଖ ଉପଦେଷ୍ଟା ମଣ୍ଡଳୀରେ ସ୍ଥାନ ପାଇଛନ୍ତି। ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତ ନିର୍ବାଚନ ଅଧିକାରୀ ଭାବେ ନବନିର୍ବାଚିତ ସଦସ୍ୟଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ।

# ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଶିବିର

**ସାତମାଇଲ,୨୭।୪(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ବାଲିମି ଥାନା ଅନ୍ତର୍ଗତ ସାନହିନ୍ଦୋଳ ଗ୍ରାମରେ ବୁଧବାର ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ହିନ୍ଦୋଳ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଅନ୍ତର୍ଯ୍ୟାମୀ ବାରିକ, ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ରଶ୍ମି ସିଂ ଉପସ୍ଥିତ ରହି ଗୃହ ପାଳିତ ପ୍ରାଣୀମାନଙ୍କ ଗୋବର ପରୀକ୍ଷା କରିଥିଲେ। ଏଥିସହିତ ଅସୁସ୍ଥ ପ୍ରାଣୀମାନଙ୍କ ଚିକିତ୍ସା କରି ଚାଷୀମାନଙ୍କୁ ମାଗଣାରେ ଔଷଧ ବଣ୍ଟନ କରିଥିଲେ। ଗ୍ରାମର ମୁରଲୀଧର ପ୍ରଧାନ, କ୍ଷେତ୍ରବାସୀ ସାହୁ, ହୃଦାନନ୍ଦ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।



ଶିବିରରେ ଉପସ୍ଥିତ ଡାକ୍ତରଙ୍କ ସମେତ ଅନ୍ୟମାନେ।

# ଲୋକାର୍ପଣ ହେଲା ନୂତନ ସଭାଘର



ନୂଆ ସଭାଘରକୁ ଉଦ୍‌ଘାଟନ କରାଯାଉଛି।

**ଅନୁଗୋଳ ଅଫିସ,୨୭।୪**

ବହୁ ପ୍ରତୀକ୍ଷିତ ଅନୁଗୋଳ ସଭାଘର ବୁଧବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି। ଅନୁଗୋଳ ବିଧାୟକ ତଥା ଓଡ଼ିଶା ବିଧାନସଭାର ଉପବାଚସ୍ପତି ରଜନୀକାନ୍ତ ସିଂହ ଏହାର ଲୋକାର୍ପଣ କରିଥିଲେ। ପ୍ରକାଶଥାଉକି, ଏହି ସଭାଗୃହ ଜିଲା ଖଣିଜ ପାଣ୍ଠିରୁ ୯ କୋଟି ୮୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଛି। ୨୦୧୩ରେ ଏହାର ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୩ ମହଲା ବିଶିଷ୍ଟ ଏହି ନୂତନ ସଭାଘରରେ ଅଡିଟୋରିୟମ, ବୈଠକ ପାଇଁ ଗୃହ, ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ ନିମନ୍ତେ ମଞ୍ଚ ଓ ଦର୍ଶକ ଗ୍ୟାଲେରି ରହିଛି। ସେହିପରି ସେଣ୍ଟ୍ରାଲ ଏସି ସହ ଅଗ୍ନି ନିରୋଧ ବ୍ୟବସ୍ଥା ରହିଛି। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ପାଲଲହଡା ବିଧାୟକ ମୁକେଶ କୁମାର ପାଳ, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅତିରିକ୍ତ ଜିଲାପାଳ(ସାଧାରଣ) ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସୁଧାଂଶୁ ରଞ୍ଜନ ନାୟକଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ବିଶିଷ୍ଟ ବ୍ୟକ୍ତି ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

# ରାଜସ୍ୱ ସଂଗ୍ରହ, ଅଗ୍ରଗତି ସମୀକ୍ଷା

**ଅନୁଗୋଳ ଅଫିସ,୨୭।୪**

ଅନୁଗୋଳ ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ରାଜସ୍ୱ କାର୍ଯ୍ୟର ଅଗ୍ରଗତିକୁ ନେଇ ବୁଧବାର ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସୁରେଶ ଚନ୍ଦ୍ର ଦଳେଇ ସମୀକ୍ଷା କରିଛନ୍ତି। ୮ଟି ବ୍ଲକରେ ସମୁଦାୟ ୭୮ଟି ସୌରାତ ଉତ୍ସ ମଧ୍ୟରୁ ୨୬ଟି ବର୍ତ୍ତମାନ କାର୍ଯ୍ୟକ୍ଷମ ହେଉଛି। ସେହିପରି ଜିଲାରେ ରାଜସ୍ୱ ସଂଗ୍ରହ ଚଳିତ ବର୍ଷ ନିମନ୍ତେ ୪୧୯୭.୨୬ ଲକ୍ଷ ଟଙ୍କା ଧାର୍ଯ୍ୟ ଥିବାସ୍ଥଳେ ୩୬୧୪.୦୪ ଲକ୍ଷ ଟଙ୍କା ସଂଗ୍ରହ ହୋଇଛି। ଓଏଲ୍‌ଆର୍ ଆକ୍ଟରେ ବୀମା ରାଶି ସଂଗ୍ରହ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଆଇନ ଅଧୀନରେ ସମୁଦାୟ ୮ଟି ବ୍ଲକରେ ୬୫୨ଟି କେସ ୨୦୨୧ ଏପ୍ରିଲ ୧ ତାରିଖ ସୁଦ୍ଧା ପଡି ରହିଥିବାବେଳେ ସମୁଦାୟ ୫୮୧ କେସ ସମାଧାନ ହୋଇଛି। ଲଘୁ ଖଣିଜ ସମ୍ପଦର ରାଜସ୍ୱ ସଂଗ୍ରହ ସମ୍ପର୍କରେ କମିଶନର ବିସ୍ତୃତ ଭାବେ ସମୀକ୍ଷା କରିଥିଲେ। ଇତିମଧ୍ୟରେ ବିଭିନ୍ନ ଚୋରା ଚାଲାଣ ଓ ବେଆଇନ୍ ଚାଲାଣକୁ ନେଇ ୪୫୫ଟି ଚଢାଉ ହୋଇ ୨୬୫ ବେଆଇନ୍ ଖଣି ଚାଲାଣକୁ ଧରା ଯାଇଛି। ଏଥିରେ କମିଶନର ବିଭିନ୍ନ ଅନୁଦାନର ଖର୍ଚ୍ଚ, ବିନିଯୋଗ ପ୍ରମାଣପତ୍ର ଓ ଲଘୁ ଖଣିଜ ଦ୍ରବ୍ୟ ଚୋରିର ନିରାକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଜିଲାରେ ରାଜସ୍ୱ ସଂଗ୍ରହ ଓ ଏହାର ଅଗ୍ରଗତି ସମ୍ପର୍କରେ କମିଶନରଙ୍କୁ ଅବଗତ କରିଥିଲେ। ଏହି ବୈଠକରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ପାଲଲହଡା ବିଧାୟକ ମୁକେଶ କୁମାର ପାଳ, ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା, ଅତିରିକ୍ତ ଜିଲାପାଳ(ସାଧାରଣ) ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁ, ତାଳଚେର ଉପଜିଲାପାଳ ବିଶ୍ୱ ରଞ୍ଜନ ରଥ, ସମସ୍ତ ତହସିଲଦାରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ।



ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀମାନେ।

